## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଜିଲା ବିଜେଡି ପ୍ରତିଷ୍ଠା ଦିବସ। ସ୍ଥାନ–ଧର୍ମନଗର,ସମୟ–ସକାଳ ୯ଟା।

## ସଂକ୍ଷେପରେ

### ରାସ୍ତା ତଳକୁ ଖସିଲା କାର୍



ଛତ୍ରପୁର,୨୫।୧୨(ଦିଲୀପ ସାମଲ)

ଚମାଖଣ୍ଡି ଥାନା ଅଧିନ ଜାତୀୟ ରାଜପଥ ନିକଟରେ ସୋମବାର ଭୋରରେ ଏକ କାର ଭାରସ୍ୟାମ ହରାଇ ରାସ୍ତାର ୧୦ଫୁଟ ତଳକୁ ଖସିପଡିଥିଲା। ସୌଭାଗ୍ୟବଶତଃ ଚାଳକ ବର୍ତ୍ତି ଯାଇଛନ୍ତି। କାରଟି ବ୍ରହ୍ମପୁରରୁ ଭୁବନେଶ୍ୱର ଯାଉଥିବା ବେଳେ ଚାଳକ ଭାରସ୍ୟାମ ହରାଇବାରୁ ଗାଡିଟି ରାସ୍ତା ତଳକୁ ଖସି ଯାଇଥିଲା। ଘଟଣାସ୍ଥଳରେ ହାଇୱେ ପାଟ୍ରୋଲିଂ ଟିମ୍ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରିଥିଲେ।

### ତାଲା ବନ୍ଦ ଘରୁ ଚୋରି

ବ୍ରହ୍ମପୁର,୨୫।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲା ନିମଖଣ୍ଡି ଥାନା ଅନ୍ତର୍ଗତ ଭାବିନୀପୁର ବସନ୍ତବିହାର ୮ମ ଗଳିରେ ଏକ ତାଲାବନ୍ଦ ଘରୁ ଚୋରି ହୋଇଛି। କେହି ଦୁର୍ବୃତ୍ତ ଘରେ ପଶି ବିଭିନ୍ନ ଆସବାବପତ୍ର ସହ ବୈଦ୍ୟୁତିକ ସାମଗ୍ରୀ ପ୍ରାୟ ୫୦ ହଜାର ଟଙ୍କାର ଚୋରାଇ ନେଇଥିବା ଗୃହକର୍ତ୍ତା ପରମେଶ୍ୱର ମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୩୯୦/୨୨ ରେ ଏକ ମାମଲା ରୁଜୁ କରିଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ କରୁଛି । ପ୍ରକାଶ ଯେ, ପରମେଶ୍ୱର କୌଣସି କାମରେ ଘରେ ତାଲା ପକାଇ ବାହାରକୁ ଯାଇଥିଲେ। ଗତ ୨୩ ତାରିଖରେ ସେ ଫେରିବାରେ ଘରର ଗ୍ରୀଲ ତାଲା ଭଙ୍ଗା ଯାଇ ଚୋରି ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ।

### ରଶି ଲଗାଇ ଛାତ୍ରୀଙ୍କ ଆତ୍ମହତ୍ୟା

ବ୍ରହ୍ମପୁର,୨୫।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ପାଲୁର ବଙ୍ଗଳାରେ ଭଡ଼ା ଘରେ ଜଣେ ଯୁବତୀ ରଶି ଲଗାଇ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ କବିସୂର୍ଯ୍ୟନଗର ଅଞ୍ଚଳର ରଶ୍ମିତା ମଲିକ(୨୨)। ସୋମବାର ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ପରିବାରବର୍ଗ ପହଞ୍ଚିବା ପରେ ମୃତଦେହ ପଞ୍ଚନାମା ହୋଇଛି। ଆତ୍ମହତ୍ୟାର କାରଣ ଜଣାପଡି ନାହିଁ। ପୋଲିସ ନଂ.୭୮୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ରଶ୍ମିତା ଗ୍ରାଜୁଏଶନ ପରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ସେଥିପାଇଁ ପାଲୁର ବଙ୍ଗଳାରେ ଏକ ଭଡା ଘରେ ୫ଜଣ ସାଙ୍ଗଙ୍କ ସହ ରହୁଥିଲେ। କୌଣସି ଏକ ଘରୋଇ ପ୍ରଶିକ୍ଷଣ ସଂସ୍ଥାରୁ ମଧ ପ୍ରଶିକ୍ଷଣ ନେଉଥିଲେ। ବଡ଼ଦିନ ଛୁଟିପାଇଁ ସମସ୍ତେ ଘରକୁ ପଳାଇଥିବା ବେଳେ ପରୀକ୍ଷା ପାଖେଇଥିବାରୁ ପ୍ରସ୍ତୁତି କରିବାକୁ ପଡିବ ବୋଲି ପରିବାରବର୍ଗଙ୍କୁ କହି ରଶ୍ମିତା ଦୁଇଦିନ ତଳେ ଘରୁ ବ୍ରହ୍ମପୁର ଆସିଥିଲେ। ମାନସିକ ଅବସାଦରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରୁଛି।

### ସ୍ତ୍ରୀ, ଶାଶୁଙ୍କୁ ଆକ୍ରମଣ ଅଭିଯୋଗ, ଯୁବକ ଗିରଫ

ଗୋପାଳପୁର,୨୫।୧୨(ନବୀନ ରାଜ ଆଚାରୀ)

ସ୍ତ୍ରୀ ଓ ଶାଶୁଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସୋମବାର ଗୋଳନ୍ଥରା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ କେ ସୁବାଣୀ ଗ୍ରାମର କେ ଶେଖର (୩୨)। ସୁବାଣୀ ଗ୍ରାମର ଆର ପୋଲାମାଙ୍କ ଝିଅ ଆର ପଦ୍ମାଙ୍କୁ ସେହି ଗ୍ରାମର କେ ଶେଖର ଗତ ୮ ବର୍ଷତଳେ ବିବାହ କରିଥିଲେ। କିଛି ମାସ ପରେ କୌଣସି କଥା ନେଇ ଉଭୟଙ୍କ ମଧ୍ୟରେ କଳହ ଲାଗିଥିଲା। ପଦ୍ମାଙ୍କୁ ଶେଖର ନିର୍ଯାତନା ଦେଉଥିଲେ। ଦୁଇ ବର୍ଷ ହେଲା ପଦ୍ମା ମା ଘରେ ରହୁଥିଲେ। ଗତ ୨୩ ତାରିଖ ଭୋରରେ ମା' ଓ ଝିଅ ପୋଖରୀକୁ ଗାଧୋଇ ଯାଉଥିବା ବେଳେ ଶେଖର ସ୍ତ୍ରୀ ପଦ୍ମାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ମା' ପୋଲାମା ପ୍ରତିବାଦ କରିବାରୁ ତାଙ୍କୁ ବି ଆକ୍ରମଣ କରିଥିଲେ। ଉଭୟଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଥାନାରେ ପୋଲାମା ଏତଲା ଦେବାରୁ ୬୪୭/୨୩ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ସୋମବାର ଗ୍ରାମରେ ଶେଖର ବୁଲୁଥିବା ବେଳେ ତାଙ୍କୁ କାବୁ କରାଯାଇଛି।

# ୧୧ ବ୍ଲାକ୍ ସ୍ପଟ୍ ଉପରେ ନଜର ରଖିବାକୁ ନିର୍ଦ୍ଦେଶ

## ଗଞ୍ଜାମ ଜିଲାରେ ବଢୁଛି ସଡ଼କ ଦୁର୍ଘଟଣା

ଛତ୍ରପୁର,୨୫।୧୨(ସନ୍ତୋଷ ପାଢ଼ୀ )

ଗଞ୍ଜାମ ଜିଲାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ରାଜ୍ୟରେ ସର୍ବାଧିକ ରହିଛି। ଦିନକୁ ଦିନ ଦୁର୍ଘଟଣା ବଢୁଥିବାରୁ ଏହା ଚିନ୍ତାର ବିଷୟ ହୋଇଛି। ଜିଲ୍ଲାରେ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଉକ୍ତ ସ୍ଥାନଗୁଡିକୁ ଦୁର୍ଘଟଣା ପ୍ରବଣ ସ୍ଥାନ ଭାବେ ୧୧ ବ୍ଲାକ ସ୍ପଟ ଚିହ୍ନଟ କରାଯାଇଛି। ସେସବୁ ସ୍ଥାନରେ କିଭଳି ଦୁର୍ଘଟଣା କମିବ ସେ ନେଇ ନଜର ରଖିବାକୁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଗଞ୍ଜାମ ଜିଲାପାଳ, ଏସ୍‌ପି ଓ ଆରଟିଓଙ୍କୁ ନିର୍ଦ୍ଦେଶନାମା ଆସିଛି। ଦୁର୍ଘଟଣା ରୋକିବା ପାଇଁ ଯାହା ଆବଶ୍ୟକ ସେ ଉପରେ କାମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ହୋଇଛି। ରୋଡ଼ ଇଞ୍ଜିନିୟରିଂ ସୁଧାରିବା ସହ ସାଇନେଜ ବୋର୍ଡ ଆଦିର ବ୍ୟବସ୍ଥା କରିବାକୁ କୁହାଯାଇଛି।

ମିଳିଥିବା ସୂଚନା ଅନୁସାରେ ୧୬ ନଂ. ଜାତୀୟ ରାଜପଥରେ ଥିବା ଖଲ୍ଲିକୋଟ ଥାନା ଅଧୀନ କେଶପୁର ଓ ଭେଜିପୁଟ, ରମ୍ଭା ଥାନା ଅଧୀନ ସୁବଳୟା, ଗଞ୍ଜାମ ଥାନା ଅଧୀନ ପୁଇଁତଳା ଛକକୁ ବ୍ଲାକ ସ୍ପଟ ଭାବେ ଚିହ୍ନଟ କରାଯାଇଛି । ସେହିପରି ଜାତୀୟ ରାଜପଥ ୫୯ରେ ବ୍ରହ୍ମପୁର ସଦର ଥାନା ଅଧୀନ କୁକୁଡାଖଣ୍ଡି ତହସିଲ ଅଫିସ ନିକଟ, ବ୍ରହ୍ମପୁର ଟ୍ରାଫିକ ଥାନା ଅଧୀନ କମାପଲି ଛକ ଓ ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ ରୋଡ଼, ରାଜ୍ୟ ରାଜପଥ ୧୭ ରେ ବ୍ରହ୍ମପୁର ସଦର ଥାନା ଅଧୀନ ବାଲିପଡ଼ା ଛକଠାରୁ ବାଲିପଡ଼ା ଇନ୍ଦିରା ଆବାସ ପର୍ଯ୍ୟନ୍ତ ରାସ୍ତା, ଦିଗପହଣ୍ଡି ଥାନା ଅଧୀନ ରାଜା ନଗର ଛକ ଠାରୁ ଦିଗପହଣ୍ଡି ଓ ଅନଙ୍ଗପୁର ରାସ୍ତା ଏବଂ ଜରଡ଼ା ଥାନା ଅଧୀନ ନାରାୟଣପୁର ଓଡ଼ିଆର ରାସ୍ତାରେ ବାରମ୍ବାର ସଡ଼କ ଦୁର୍ଘଟଣା ଘଟୁଥିବାରୁ ଏଗୁଡିକୁ ବ୍ଲାକ ସ୍ପଟ ଭାବେ ଚିହ୍ନଟ କରାଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା ଜିଲାରେ ୫୫୫ଟି ସଡ଼କ ଦୁର୍ଘଟଣା ଘଟିଥିଲା। ଏଥିରେ ୩୨୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪୩୦ ଜଣ ଗୁରୁତର ଆହତ ହୋଇଥିଲେ।

### ଯୁବକଙ୍କ ଉପରେ ମାଡ଼ିଗଲା କଣ୍ଟେନର

ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଦେଇ ଜାତୀୟ ରାଜପଥରେ ବ୍ଲାକସ୍ପଟ ଭାବେ ଚିହ୍ନଟ ହୋଇଥିବା ସ୍ଥାନଗୁଡିକରେ ଦୁର୍ଘଟଣାରେ ଗୋଟିଏ ପରେ ଗୋଟିଏ ଜୀବନ ଚାଲିଯାଉଛି। ଶନିବାର ରାତିରେ ରଙ୍ଗେଇଲୁଣ୍ଡା ବ୍ଲକ ସମ୍ମୁଖ ଜାତୀୟ ରାଜପଥରେ ଟ୍ରକ ଧକ୍କାରେ ଦୁଇ ବନ୍ଧୁ ଗୋଳନ୍ଥରା ଗାଁର କାହ୍ନୁଚରଣ ରାଉଳ ଓ ମନୋଜ ରାଉଳଙ୍କ ମୃତ୍ୟୁ ଘଟିଥିଲା। ସେହିପରି ରାତିରେ ଖଜୁରିଆ ବାଇପାସ ଜାତୀୟ ରାଜପଥ ୧୬ ନମ୍ବରରେ ଏକ କଣ୍ଟେନର ଜଣେ ଯୁବକଙ୍କ ଉପରେ ମାଡିଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମେକେସିଜି ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଟ୍ରାଫିକ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡି ଜବତ କରିଛି। ସେହିପରି ଚାଳକଙ୍କୁ ମଧ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୋମବାର ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ୭୦୬/୨୩ରେ ଏକ ମାମଲା ରୁଜୁ କରିଛି। ଖଜୁରିଆ ବାଇପାସରେ ରବିବାର ରାତିରେ ଯୁବକ ଜଣଙ୍କ ଚାଲି ଚାଲି ଯାଉଥିବା ବେଳେ ଚେନ୍ନାଇରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା କଣ୍ଟେନର୍ (ଏନ୍‌ଏଲ୍ ୦୧ଏଏଫ ୯୨୨୫) ତାଙ୍କୁ ପଛପଟୁ ଧକ୍କା ଦେବାସହ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୪୦ ବର୍ଷ ହେବ ବୋଲି ପୋଲିସ କହିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିଚୟ ସ୍ପଷ୍ଟ ପାଇଁ ତାହା ସଂରକ୍ଷିତ ରଖାଯାଇଛି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# କନିଷି ତହସିଲରେ ରାଜସ୍ୱ ମେଳା



ଅତିଥିମାନେ ପଟ୍ଟା ବଣ୍ଟନ କରୁଛନ୍ତି।

ଗୋପାଳପୁର,୨୫।୧୨ (ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା କନିଷି ତହସିଲ ପରିସରରେ ସୋମବାର ରାଜସ୍ୱ ମେଳା ଓ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ଅନ୍ୟ ଅତିଥି ରୂପେ କନଷି ତହସିଲଦାର ପ୍ରଳୟାନନ୍ଦ ଶତପଥୀ, ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷା ସିଏଚ ଉଷାରାଣୀ,ଗଞ୍ଜାମ ଜିଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା,ଉପାଧ୍ୟକ୍ଷା ଅନିତା ମହାଙ୍କୁଡ, ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ତଅପୋଇ ଦାସ ଯୋଗ ଦେଇଥିଲେ। ଅତିରିକ୍ତ ତହସିଲଦାର ସୋମେଶ ରଣବିଜୁଳି ଓ ଆରଆଇ ରୁନା ବେହେରା ଅତିଥି ପରିଚୟ ଦେଇଥିଲେ। ଏହି ତହସିଲର ୮୯ ଗ୍ରାମରେ ୧୨୫୨ ଗ୍ରାମ କଣ୍ଟକ ପଟ୍ଟା ହୋଇଥିବା ବେଳେ ୮ଶହ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ଯେଉଁ ହିତାଧିକାରୀଙ୍କ ପଟ୍ଟା ହୋଇନାହିଁ ଆବେଦନ କଲେ ସେମାନଙ୍କୁ ପଟ୍ଟା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଅତିରିକ୍ତ ତହସିଲଦାର କୁଳଦୀପ କୁମାର ଧନ୍ୟବାଦ ଦେଇଥିଲେ। ଆରଆଇ, ନିରାକାର ସେଠି,ଫକୀର ରାଉତ, ନରସିଂହ ପାତ୍ର, ସୁପରଭାଇଜର ଅନାଦି ବେହେରା, ସୁବାସ ଚନ୍ଦ୍ର ମଲିକ, ଏମ୍‌ପି ପ୍ରତିନିଧି ଅଜିତ କୁମାର ଦାଶ, ସମିତି ସଭ୍ୟା ବିଷ୍ଣୁପ୍ରିୟା ନାୟକ,ସମିତି ସଭ୍ୟ କେ ପ୍ରବୀଣ କୁମାର, ବିଭୁତି ଭୂଷଣ ଲେଙ୍କା, ସମାଜିକ କର୍ମୀ ରାମହରି ପାତ୍ର, ସିଏଚ ରଶ୍ମିତା ପାତ୍ର,ବିନୋଦ କୁମାର ମାହାଙ୍କୁଡ଼, ସିଏଚ ନରେଶ ପାତ୍ର, ଜୟ ସାହୁ ପ୍ରମୁଖ ଉପସ୍ଥିତଥିଲେ।

### ରେଶମ ସହରରେ ବଡ଼ଦିନ ପାଳିତ

ବ୍ରହ୍ମପୁର,୨୫।୧୨(ତନୁଶ୍ରୀ ନାହାକ)

ରେଶମ ସହରରେ ସୋମବାର ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ବଡ଼ଦିନ ପାଳନ କରିଛନ୍ତି। ରବିବାର ମଧ୍ୟରାତିରେ ଯୀଶୁଖ୍ରୀଷ୍ଟ ଧରାବତରଣ ପରେ ସହରରେ ଥିବା ଚର୍ଚ୍ଚରେ ସ୍ୱାଗତ କରାଯାଇଛି। ମିଶନ ରାଣୀ ଚର୍ଚ୍ଚରେ ଫାଦର ସଂଜୀବ କୁମାର ନାୟକ, ଶରତ ନାୟକ ଓ ବିଶପ ପ୍ରଭୁଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବଡ଼ଦିନର ସମସ୍ତ ରୀତିନିତୀ ପାଳିତ ହୋଇଥିଲା। ସେଠାରେ ଗଞ୍ଜାମ ଜିଲା ସମେତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ସେହିପରି ଦିନରେ ବିଶ୍ୱ ଶାନ୍ତି ନିମନ୍ତେ ବାଇବେଲ ପାଠ ସହ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ପରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ଗିରିରୋଡ଼ସ୍ଥିତ ବାପଟିଷ୍ଟ ଚର୍ଚ୍ଚରେ ସଣ୍ଡେସ୍କୁଲ, ଖ୍ରୀଷ୍ଟିଆନ ଉଦଯୋଗ ସମିତି ଓ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚର ମିଳିତ ଉଦ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଛି।

### କଳାବ୍ୟାଜ୍ ପିନ୍ଧି ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟ ଜାରି

ବ୍ରହ୍ମପୁର,୨୫।୧୨(ସୁବାସ ଚନ୍ଦ୍ର ପାଢ଼ୀ)

୨୦୧୦ରୁ ଓଡ଼ିଶା ପୋଲିସ କନଷ୍ଟେବଳ, ହାବିଲଦାର ପାଉଥିବା ଦରମା ସହ ମୁଖ୍ୟ ଅଗ୍ନିକ, ଅଗ୍ନିକଙ୍କ ଦରମା ସମାନ ଥିଲା। କିଛିବର୍ଷ ହେଲା ଦରମା ପ୍ରଦାନରେ ଅସଙ୍ଗତି ହୋଇଛି। ଏ ନେଇ ପ୍ରାୟ ବର୍ଷ ହେଲା ଅଗ୍ନିଶମ କର୍ମଚାରୀମାନେ ବାରମ୍ବାର ଅଧିକାରୀ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ଅଗ୍ନିଶମ କର୍ମଚାରୀଙ୍କ ନେତୃତ୍ୱ ନେଉଥିବା ଅକ୍ଷୟ କୁମାର ପ୍ରଧାନ କହିଛନ୍ତି, ୧୯୪୪ରେ ଓଡିଶା ପୋଲିସର କେତେଜଣ କର୍ମଚାରୀଙ୍କୁ ନେଇ ଅଗ୍ନିଶମ ସେବା ସଂସ୍ଥା ସୃଷ୍ଟି ହୋଇଥିଲା। ସେବେଠାରୁ ଉଭୟ ପୋଲିସ ଓ ଅଗ୍ନିକ ହାବିଲଦାର, କନଷ୍ଟେବଳମାନେ ସମାନ ଦରମା ପାଉଥିଲେ। ୨୦୧୦ରୁ ଅଗ୍ନିକଙ୍କ ପ୍ରତି ସରକାର ପାତରଅନ୍ତର କରିଛନ୍ତି। ଅଗ୍ନିଶମ ନିରବଛିନ୍ନ ଭାବେ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ଉଦ୍ଧାର କାର୍ଯ୍ୟ କରି ଆସୁଛନ୍ତି। ୨୦୧୮ରେ ଦାବି ପୂରଣ ପାଇଁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇ ସେମାନଙ୍କୁ ପ୍ରତାରଣା କରୁଛନ୍ତି। ଏହା ପ୍ରତିବାଦରେ ଗତ ୧୧ ତାରିଖରୁ ସେମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିବା ସହ ନିରବ ପ୍ରତିବାଦ କରି ଆସୁଛନ୍ତି। ଖୁବଶୀଘ୍ର ଦାବି ପୂରଣ ନହେଲେ ପରିବାର ସହ ଆତ୍ମହତ୍ୟା କରିବାକୁ ସେମାନେ ଚେତାବନୀ ଦେଇଛନ୍ତି ବୋଲି ଅକ୍ଷୟ ପ୍ରଧାନ ସୂଚନା ଦେଇଛନ୍ତି।

### ନୂଆ ବାରାକ୍ସ ସାହି ରାସ୍ତା ମରାମତି ଦାବି




ଧାରଣାରତ ଆଇନଜୀବୀ।

#### ଧାରଣା ଦେଲେ ଆଇନଜୀବୀ

ବ୍ରହ୍ମପୁର,୨୫।୧୨(ସ୍ମୃତି ରଞ୍ଜନ ମହାଲିକ)

ନୂଆ ବାରାକ୍ସ ସାହି ରାସ୍ତା ମରାମତି ଦାବି ନେଇ ସୋମବାର ଆଇନଜୀବୀ ମନୋଜ ପଟ୍ଟନାୟକ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ବାରାକ୍ସ ସାହି ସ୍ଥିତ ଜ୍ୟୋତି ରେସିଡେନ୍ସି ଠାରୁ ଗାନ୍ଧୀ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଛି। ଏଥିସହ ଉକ୍ତ ରାସ୍ତାରେ ରହିଥିବା ମୁଖ୍ୟ ଡ୍ରେନରେ ଆବର୍ଜନା ମଧ ସଫେଇ ହେଉନାହିଁ। ଖାଲଖମା ରାସ୍ତାଟି କାରଣରୁ ସାଧାରଣ ଜନତା ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ପୂର୍ବତନ ବାଚସ୍ପତି ସ୍ୱର୍ଗତ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସମେତ ବହୁ ବରିଷ୍ଠ ନାଗରିକଙ୍କ ବାସଭବନ ରହିଥିବା ସତ୍ତ୍ୱେ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଆଇନଜୀବୀ ଅଭିଯୋଗ କରିଛନ୍ତି। ରାସ୍ତା ମରାମତି ଦାବି ନେଇ ସୋମବାର ସେ ୧ ଘଣ୍ଟା ଉକ୍ତ ରାସ୍ତାରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। କିଶୋର ଚନ୍ଦ୍ର ପଣ୍ଡା, ପ୍ରଦୀପ କୁମାର ଦାସ, ରବି ଶଙ୍କର ପାତ୍ରଙ୍କ ସମେତ ଆଇନଜୀବୀ ନଦିଆ ଚାନ୍ଦ, ଚନ୍ଦ୍ରଗୁପ୍ତ ପଟ୍ଟନାୟକ, ସନ୍ତୋଷ ରାଉଳ ଓ ସୋମେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ଫୁଲବାଣୀ,୨୫।୧୨
(ରାକେଶ କୁମାର ରାଉତ)



ଚିତ୍ରକଳା ବୁଲି ଦେଖୁଛନ୍ତି ଅତିଥି ଓ ଜନସାଧାରଣ।

ଫୁଲବାଣୀ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ ପରିସରରେ କନ୍ଧମାଳ ଜିଲା ପ୍ରଶାସନ ସହଯୋଗରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ରବିବାର ଉଦଘାଟିତ ହୋଇଛି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ ଏହାକୁ ଉଦଘାଟନ କରିଛନ୍ତି। ପ୍ରଦର୍ଶନୀ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଥିରେ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ସଂଗୃହିତ ଚିତ୍ରକଳାଗୁଡ଼ିକୁ ପ୍ରଦର୍ଶିତ ହେଉଛି। ଓଡ଼ିଶାର ଖ୍ୟାତନାମା ଦିବଂଗତ ଓ ବରିଷ୍ଠ ଚିତ୍ରଶିଳ୍ପୀ ବିନୋଦ ରାଉତରାୟ,ଏନ୍.ଚନ୍ଦ୍ରଶେଖର ରାଓ, ଡଃ. ଦିନନାଥ ପାଠୀ, ଡି. ନାରାୟଣ ରାଓ, ରାମହରି ଜେନା, ଅକ୍ଷୟ କୁମାର ପଟ୍ଟନାୟକ, ଅମର କୁମାର ଜେନା,ଅସିତ କୁମାର ପଟ୍ଟନାୟକ, ବିପିନ ବିହାରୀ ମାର୍ଥା,ଦାଶ ମୁର୍ମୁ, ଡଃ.ଦୀନବନ୍ଧୁ ସାହୁ, ପ୍ରମୋଦ କୁମାର ମଲ୍ଲିକ,ରବିନାରାୟଣ ଗୁପ୍ତା ପ୍ରମୁଖଙ୍କ ସହିତ ବହୁ ଯୁବ ଚିତ୍ରଶିଳ୍ପୀଙ୍କ ମୋଟ ୪୦ଟି ଚିତ୍ରକଳା ପ୍ରଦର୍ଶିତ ହେଉଛି। ଓଡ଼ିଶା ଲଳିତ କଳା ଏକାଡେମୀ ପଦାଧିକାରୀମାନେ ଚିତ୍ରକଳା ସମ୍ପର୍କରେ ଅତିଥି ତଥା ଲୋକଙ୍କୁ ସମ୍ୟକ ଧାରଣା ଦେଇଥିଲେ। ଉଦ୍‌ଘାଟନୀରେ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, ଏମ୍.କେ.ଏସ୍.ପି.ର ସଭାପତି ବିଜୟ କୃଷ୍ଣ ପଟ୍ଟନାୟକ, ବିଶିଷ୍ଟ ଚିତ୍ରଶିଳ୍ପୀ ଯୁଧିଷ୍ଠିର ମହାନ୍ତିଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଚିତ୍ରଶିଳ୍ପୀ, ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦର ସମସ୍ତ ସଭ୍ୟାସଭ୍ୟ ଛାତ୍ରଛାତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

### ଦ୍ୱାଦଶ ଆଦିତ୍ୟ ମହାଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ଦିଗପହଣ୍ଡି,୨୫।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଆଙ୍କୋରଡା ପଞ୍ଚାୟତ ଚାଞ୍ଚଡାପଲ୍ଲୀ ଗାଁ ଛକରେ ବିଶ୍ୱ କଲ୍ୟାଣ ସକାଶେ ଜାନୁଆରୀ ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଦ୍ୱାଦଶ ଆଦିତ୍ୟ ମହାଯଜ୍ଞ ନିମନ୍ତେ ରବିବାର ବନଜାଗ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଯାଇଛି । ଗୁରୁକୃପା ପୂଜା ଅନୁଷ୍ଠାନର ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀଙ୍କ ପୌରହିତ୍ୟରେ ଅନ୍ୟାନ୍ୟ ପଣ୍ଡିତ ବୃନ୍ଦ ଏବଂ ଯଜ୍ଞ ପରିଚାଳନା କମିଟି ସଦସ୍ୟ ବୃନ୍ଦ ଓ ବହୁ ମହିଳା, ପୁରୁଷ ଶ୍ରଦ୍ଧାଳୁ ଯୋଗଦେଇ ବିରାଟ ପଟୁଆରରେ ଦିଗପହଣ୍ଡି ଗୁପ୍ତେଶ୍ୱର ଶୈବପୀଠରୁ ଦାରୁ ସଂଗ୍ରହ ନିମନ୍ତେ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଦାରୁକୁ ଶଗଡ଼ ରଥରେ ନଗର ପରିକ୍ରମା କରି ଯଜ୍ଞପୀଠକୁ ଅଣାଯାଇଥିଲା। ହୋମଯଜ୍ଞ ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଯଜ୍ଞ ପରିଚାଳନା କମିଟି ସଭାପତି ଭି. ରବିନାରାୟଣ ରାଜୁ, ସମ୍ପାଦକ ବି.କ୍ରିଷ୍ଣାରାଓ ସୁବୁଦ୍ଧି, ସହସମ୍ପାଦିକା ନିରୂପମା ପଟ୍ଟନାୟକ ଏବଂ କୋଷାଧକ୍ଷ ରାମନାଥ ବିଷୋୟୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ।

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଗୋପାଳପୁର,୨୫।୧୨(ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅଞ୍ଚଳରେ ଏକ ଘରେ ଦୁର୍ବୃତ୍ତ କଳାକନା ବୁଲେଇଛନ୍ତି। ବଡ଼କୁସ୍ଥଳୀ ଗ୍ରାମର ଶଙ୍କର ଜେନା ସବୁ ଦିନ ଭଳି ରବିବାର ରାତି ଖାଇବା ପରେ ପରିବାର ଲୋକଙ୍କ ସହ ଶୋଇଥିଲେ। ଏହାର ସୁଯୋଗ ନେଇ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଛପଟୁ କବାଟ ତାଡି ଘରେ ପଶି ଆଲମିରାରୁ ୧ ଲକ୍ଷ ଟଙ୍କା, ଦଶ ତୋଳା ସୁନା ଓ ୫ ତୋଳା ରୁପା ଅଳଙ୍କାର ଲୁଟିନେଇ ଚମ୍ପଟ ମାରିଥିଲେ। ସକାଳେ ଶଙ୍କର ଉଠିବା ପରେ ଘରୁ ଚୋରି ହୋଇଥିବା ଜାଣି ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ସୋମବାର ପୋଲିସ ଓ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ସିପିଆଇ ଆଞ୍ଚଳିକ କମିଟି, ଶ୍ରମିକ ଶାଖା ସମ୍ମିଳନୀ

ବ୍ରହ୍ମପୁର,୨୫।୧୨ (ନରସିଂହ ସାହୁ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ବ୍ରହ୍ମପୁର ମହାନଗର ଓ ଶ୍ରମିକ ଶାଖାର ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳର ପାନୀୟ ଜଳ ଏବଂ ନାଳ ନର୍ଦ୍ଦମା ଓ ରାସ୍ତାଘାଟ ବିପର୍ଯ୍ୟସ୍ତ ଯୋଗୁ ଏଥିରେ ଉଦବେଗ ପ୍ରକାଶ କରାଯାଇଥିଲା। ମୌଳିକ ସମସ୍ୟାର ତ୍ୱରିତ ସମାଧାନ ଦାବି ନେଇ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ଶ୍ରମିକ ନେତା ଏ. ସୁଧୀର ସମ୍ମିଳନୀରେ ଅଧକ୍ଷତା କରି ପାର୍ଟିର ରାଜନୈତିକ ଓ ସାଙ୍ଗଠନିକ ସ୍ଥିତି ନେଇ ଆଲୋକପାତ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ଶୋଷଣ ନୀତି ବିରୋଧରେ ଲଢ଼େଇ ପାଇଁ ଆହ୍ୱାନ ଦେଇଥିଲେ।

ପାର୍କ ସାହି ପାର୍ଟି ଅଫିସରେ ହୋଇଥିବା ସମ୍ମିଳନୀରେ ରାଜ୍ୟ ସମ୍ପାଦକ ମଣ୍ଡଳି ସଦସ୍ୟ ପ୍ରଶାନ୍ତ ପାଢୋଷୀ, ଜିଲା ସମ୍ପାଦକ ପ୍ରକାଶ ପାତ୍ର ଓ ଜୋନାଲ କମିଟି ସମ୍ପାଦକ କାମଦେବ ନାହାକ ଯୋଗ ଦେଇଥିଲେ। ଏହି ଅବସରରେ ଆସନ୍ତା ବର୍ଷ ପାଇଁ ନିର୍ବାଚନ କରାଯାଇଥିଲା। ସହର ଶାଖାର ସମ୍ପାଦକ ଭାବେ ପ୍ରଫୁଲ୍ଲ ଜେନା ନିର୍ବାଚିତ ହୋଇଥିଲେ। ରବିନ୍ଦ୍ର ନାୟକ ସହ ସମ୍ପାଦକ ଏବଂ ଶ୍ରମିକ ଶାଖା ସମ୍ପାଦକ ରୂପେ ଏ. ସୁଧୀର, ମହମ୍ମଦ ଉସମାନ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଛି। ପାର୍ଟି ପତାକା ଟି. ଭେଙ୍କଟ ରାଓ ଉତ୍ତୋଳନ କରିଥିବା ବେଳେ ସାଙ୍ଗଠନିକ ଆଲୋଚନାରେ ରୋହିତ ବିଶୋଇ, ଗାଗାରିନ ନାୟକ, ମହେନ୍ଦ୍ର ପାତ୍ର, ଜୟନ୍ତୀ ଦେବୀ, ସନ୍ତୋଷ କୁମାର ନାୟକ, ସରୋଜ ପାତ୍ର, ଜି. କିଶୋର ପ୍ରମୁଖ ଭାଗ ନେଇଥିଲେ। ଏଆଇଟିୟୁସି ଅନୁବନ୍ଧିତ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ତିଲିସିଙ୍ଗି-ଗାଲେରି ରାସ୍ତା କାମ ନିମ୍ନମାନର ଅଭିଯୋଗ

ଭଞ୍ଜନଗର,୨୫।୧୨ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଧୀନରେ ତିଲିସିଙ୍ଗି ଗାଲେରୀ ପିଡବ୍ଲୁଡି ରାସ୍ତା କାମ ଚାଲିଛି। ଉକ୍ତ କାମ ପାଇଁ ୨୫ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ ହୋଇଥିଲା। ଅକ୍ଟୋବର ୩୧ ତାରିଖ ସୁଧା କାମ ସରିବା ପାଇଁ ଠିକାଦାରଙ୍କ ସହ ଚୁକ୍ତି ହୋଇଥିଲା। କିନ୍ତୁ ଠିକାଦାର ବିଭିନ୍ନ କାରଣ ଯୋଗୁଁ ନିର୍ଦ୍ଧାରିତ ସମୟରେ କାମ କରି ପାରିନଥିଲେ। ତେଣୁ ଡିସେମ୍ବର ମାସ ପର୍ଯ୍ୟନ୍ତ ପୁଣି ସମୟ ଦିଆଯାଇଥିଲା। ଡିସେମ୍ବର ମାସ ସରିବାକୁ ଆଉ ମାତ୍ର ୫ ଦିନ ବାକି ଥିବା ବେଳେ ଏବେବି ଉକ୍ତ ରାସ୍ତାରେ ଅନେକ କାମ ବାକି ଅଛି। ଏହିଭଳି ପରିସ୍ଥିତି ରେ କେତେକ ସ୍ଥାନରେ କାମକୁ ନେଇ ଠିକାଦାରଙ୍କୁ ତୁରୁମୁ ଗ୍ରାମବାସୀ ବିରୋଧ କରୁଛନ୍ତି। ଇତିମଧ୍ୟରେ ତୁରୁମୁ ଗ୍ରାମବାସୀ ରାସ୍ତାକାମ ନିମ୍ନମାନର ହେଉଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ୪ ଦିନ ପୂର୍ବେ ଗ୍ରାମ ଛକରେ ହୋହାଲ୍ଲା କରିଥିଲେ। ଏହାପରେ ବିଭାଗୀୟ ଅଧିକାରୀମାନେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ଥମିଥିଲା । କିନ୍ତୁ ରବିବାର ଗ୍ରାମବାସୀ ରାସ୍ତା ଉପରେ ପୁଣି ପ୍ଲାକାର୍ଡ ମାରି ନିଜର ବିରୋଧ ବ୍ୟକ୍ତ କରିଛନ୍ତି। ଅପରପକ୍ଷେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଆଶିଷ କୁମାର ନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ ଗ୍ରାମବାସୀ କିଛିଦିନ ପୂର୍ବେ କାମ ବନ୍ଦ କରିଥିଲେ। ପରେ ଗ୍ରାମବାସୀଙ୍କୁ ବୁଝାଶୁଝା କରାଯିବା ସହ ଯାହା ସମସ୍ୟା ଥିଲା ତାର ସମାଧାନ କରାଯାଇଛି। ନିମ୍ନମାନର କାମ ଅଭିଯୋଗକୁ ନାୟକ ଖଣ୍ଡନ କରିଛନ୍ତି।




ଗ୍ରାମବାସୀ ରାସ୍ତା ଉପରେ ପ୍ଲାକାର୍ଡ ଲଗାଇ ବିରୋଧ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ନିଖୋଜ ଡ୍ରାଇଭରଙ୍କ ମୃତଦେହ ଜବତ

ବାଲିଗୁଡ଼ା,୨୫।୧୨(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଥାନା ଗୋଇବନ୍ଧା ନାଳ କଡ଼ରୁ ନିଖୋଜ ଡ୍ରାଇଭରଙ୍କ ମୃତଦେହ ପୋଲିସ ଜବତ କରିଛି । ସେ ହେଲେ କଟକ ଚୌପଡ଼ା ଅଞ୍ଚଳର କାଶୀନାଥ ଭୋଇ (୬୦)। କାଶୀନାଥ ଗତ ୨୨ ତାରିଖରେ ଚୌପଡ଼ାରୁ ସାଥୀ ଡ୍ରାଇଭର ଟୁଲିଆ ମହାନ୍ତିଙ୍କ ସହ ପର୍ଯ୍ୟଟକଙ୍କୁ ଉତ୍ତରପ୍ରଦେଶ ଛାଡ଼ିବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ବାଲିଗୁଡ଼ା ଗୋଇବନ୍ଧା ବ୍ରିଜ୍ ନିକଟରେ ରୋଷେଇକରି ଖାଇବା ପରେ କୁଆଡ଼େ ଚାଲିଯାଇଥିଲେ। ବିଳମ୍ବିତ ସମୟ ଯାଏ କାଶୀନାଥ ଘରକୁ ନ ଫେରିବାରୁ ବହୁ ଖୋଜାଖୋଜି କରିବା ପରେ ଟୁଲିଆ ବାଲିଗୁଡ଼ା ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ସୋମବାର ସ୍ଥାନୀୟ ଲୋକେ ଗୋଇବନ୍ଧା ନାଳକଡ଼ରେ ଏକ ମୃତଦେହ ପଡ଼ିଥିବା ପୋଲିସକୁ ସୂଚନା ଦେଇଥିଲେ। ବାଲିଗୁଡ଼ା ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଥିବା ବେଳେ ସେପଟେ ମୃତ୍ୟୁ କାରଣ ସ୍ପଷ୍ଟ ହୋଇପାରିନାହିଁ।

### ପିପୁଲ୍ସ କଲେଜରେ ସୁଶାସନ ଦିବସ

ବୁଗୁଡ଼ା,୨୫।୧୨(କାଳି ଚରଣ ଦାଶ):

ସ୍ଥାନୀୟ ପିପୁଲ୍ସ କଲେଜ ପରିସରରେ ରାଜନୀତିବିଜ୍ଞାନ ବିଭାଗ ପକ୍ଷରୁ ସୋମବାର ସୁଶାସନ ଦିବସ ପାଳନ ସାଙ୍ଗକୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ବିନୋଦ କୁମାର କର ଓ ଲୋକନାଥ ବେହେରା ଯୋଗ ଦେଇଥିଲେ। ଆଲୋଚନା ଚକ୍ରର ଶୀର୍ଷକ ବହୁ ସଂସ୍କୃତି, ବିକାଶୋନ୍ମୁଖୀ ଓ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ପରିପ୍ରେକ୍ଷୀରେ ସୁଶାସନର ଆହ୍ୱାନ କ'ଣ ତା'ଉପରେ ବିସ୍ତୃତ ଆଲୋଚନା ସାଙ୍ଗକୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ପୂଜା ସ୍ୱାଇଁ ଓ ପାୟଲ ରାଣୀ ସ୍ୱାଇଁ ଆଲୋଚନା ଚକ୍ରର ସନ୍ଦର୍ଭକୁ ପାଠ କରିଥିଲା ବେଳେ ସମ୍ପାଦିକା ମୌସୁମୀ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଘୁମୁସର ତାଲୁକା ବିଶ୍ୱକର୍ମା ସମାଜର ଶୋକସଭା

ବାଲିପଦର,୨୫।୧୨(ବିଶିକେଶନ ସ୍ୱାଇଁ):

ବାଲିପଦର ବିଶ୍ୱକର୍ମା ଭବନଠାରେ ଘୁମୁସର ତାଲୁକା ବିଶ୍ୱକର୍ମା ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୂର୍ଯ୍ୟ ନାରାୟଣ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ରାଜଶ୍ରୀ ପ୍ରଭାକର ମହାରଣା, ଉପଦେଷ୍ଟା ରାଜେନ୍ଦ୍ର ମହାରଣା, ହରିମୋହନ ମହାରଣା, ସମ୍ପାଦକ ସନ୍ୟାସୀ ମହାରଣା ପ୍ରମୁଖ ଉପସ୍ଥିତ ରହି ବିଶ୍ୱକର୍ମା ସମାଜର ଉପଦେଷ୍ଟା ପ୍ରାଣକୃଷ୍ଣ ମହାରଣାଙ୍କ କାର୍ଯ୍ୟକଳାପ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅମର ଆତ୍ମାର ସଦ୍‌ଗତି କରି ସ୍ତୁତିପାଠ, ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ତାଲୁକାର ସଭ୍ୟ ବସନ୍ତ ମହାରଣା, ଶିବ ପ୍ରସାଦ ମହାରଣା, ଗଣପତି ମହାରଣା, କୃଷ୍ଣଚନ୍ଦ୍ର ମହାରଣା, ନିରଞ୍ଜନ ମହାରଣା, ସନ୍ତୋଷ ମହାରଣା, ସରୋଜ ମହାରଣା, ବନବାସୀ ମହାରଣାଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ବହି, ଶିକ୍ଷାଦାନ ନ ଥାଇ ଚାଲିଛି ପରୀକ୍ଷା

## ୧୮ ମାସ ହେଲା ଇଗ୍ନୁ କୋ-ଅର୍ଡିନେଟର ପଦବୀ ଖାଲି

ଭଞ୍ଜନଗର,୨୫।୧୨(ବାବୁଲା ପ୍ରଧାନ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିସରରେ ହୋଇଥିବା ଇଗ୍ନୁ ଷ୍ଟଡି ସେଣ୍ଟରରେ ପ୍ରାୟ ୧୮ ମାସ ହେଲା କୋ-ଅର୍ଡିନେଟର ଏବଂ ଆସିଷ୍ଟାଣ୍ଟ କୋ-ଅର୍ଡିନେଟର ପଦବୀ ଖାଲି ପଡିଛି। ସେହିପରି ଗୋଟିଏ ପିଅନ ପଦବୀ ମଧ୍ୟ ଖାଲି ପଡିଛି। ଫଳରେ ଭଞ୍ଜନଗର ଇଗ୍ନୁ ଷ୍ଟଡି ସେଣ୍ଟର ପରିଚାଳନାରେ ସମସ୍ୟା ଦେଖାଦେଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନ ନ ଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦିନକୁ ଦିନ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିବାରେ ଲାଗିଛି। ପୂର୍ବରୁ ଏଠାରେ ୯ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ବର୍ତ୍ତମାନ ତାହା ୨ ଶହ ତଳକୁ ଚାଲି ଆସିଛି। ପରିଚାଳନାଗତ ତ୍ରୁଟି ଯୋଗୁଁ ଏହି ସମସ୍ୟା ଦେଖାଦେଇଛି।



ଭଞ୍ଜନଗର ଇଗ୍ନୁ ଷ୍ଟଡି ସେଣ୍ଟର ନାମ ପାଚେରିରୁ ଲିଭିଯାଇଛି।

କରୋନା ପରଠାରୁ ଇଗ୍ନୁ ପକ୍ଷରୁ ରାଜ୍ୟସ୍ତରରେ ଅନଲାଇନରେ ଶିକ୍ଷାଦାନ ହେଉଛି। କିନ୍ତୁ ଏ ନେଇ ଅଧିକାଂଶ ଛାତ୍ରୀଛାତ୍ର ଜାଣିପାରୁନାହାନ୍ତି। ବର୍ତ୍ତମାନ ସ୍ଥିତି ସ୍ୱାଭାବିକ ହୋଇଥିଲେ ସୁଦ୍ଧା ଇଗ୍ନୁ ପକ୍ଷରୁ ଅଫ୍ ଲାଇନରେ ଶିକ୍ଷାଦାନ ହେଉନାହିଁ। ସେହିପରି ଅଧିକାଂଶ ଛାତ୍ରୀ ଛାତ୍ରଙ୍କ ପାଖରେ ନିର୍ଦ୍ଧାରିତ ସମୟରେ ବହି ପହଞ୍ଚୁନାହିଁ। ବହି ଓ ବିନା ବିନା ଶିକ୍ଷାଦାନରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି କେତେଜଣ ଛାତ୍ର ଶନିବାର ପରୀକ୍ଷା ହଲ୍‌ରୁ ବାହାରିବା ପରେ ପ୍ରକାଶ କରିଛନ୍ତି। ଏନେଇ ଭଞ୍ଜନଗର କେନ୍ଦ୍ରର ଜଣେ କର୍ମଚାରୀ ଏଠାରେ କହିଛନ୍ତି, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ସବୁ କିଛି ପଦକ୍ଷେପ ନିଆଯାଉଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରତି ଦୃଷ୍ଟି ଦିଆଯାଉଛି।

# ମାଣ୍ଡିଆ ଜାତୀୟ ଖାଦ୍ୟ ବଜାର ଉଦ୍‌ଘାଟିତ



ପ୍ରଦର୍ଶିତ ମାଣ୍ଡିଆ ଜାତୀୟ ଖାଦ୍ୟ ବଜାର।

ଚାନ୍ଦିପୁଟ,୨୫।୧୨(କେ ପ୍ରମୋଦ କୁମାର ଦୋରା)

ଚାନ୍ଦିପୁଟ ନିକଟସ୍ଥ କପୁରିପଟାଠାରେ ମହିଳା ସ୍ୱୟଂସହାୟକ ଦଳଙ୍କ ମିଳିତ ଉଦ୍ୟମରେ ମାଣ୍ଡିଆ ଜାତୀୟ ଖାଦ୍ୟ ଓ ଶସ୍ୟ, ଦେଶୀ ପନିପରିବା, ଦେଶୀ ଶସ୍ୟ ଓ ଜଙ୍ଗଲ ଜାତ ଦ୍ରବ୍ୟ, ଦେଶୀ ଖତ ଓ ଦେଶୀ ବିହନ ବଜାର ଉଦ୍‌ଘାଟିତ ହୋଇଯାଇଛି। ଏହି ବ୍ୟବସାୟିକ କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସକାଳ ଓ ତପ୍ତପାଣି କୃଷକ ସଙ୍ଗଠନ ସହଯୋଗରେ ପରିଚାଳିତ ହୋଇଥିଲା। ଏହି ବଜାର ମାଧ୍ୟମରେ ମୋହନା ଅଞ୍ଚଳବାସୀ ଏବଂ ଏଠାକୁ ଆସୁଥିବା ପର୍ଯ୍ୟଟକ ମଧ୍ୟ ସୁଲଭ ଦରରେ ପାଇପାରିବେ। ସ୍ୱାସ୍ଥ୍ୟର ଉନ୍ନତିକୁ ଲକ୍ଷ୍ୟ କରି ବିଭିନ୍ନ ପ୍ରକାର ଜଙ୍ଗଲ ଜାତ ଦ୍ରବ୍ୟ, ମାଣ୍ଡିଆ ଜାତୀୟ ଖାଦ୍ୟ, ଜୈବିକ ଖତ ସାର ଓ ପନିପରିବାର ବ୍ୟବସ୍ଥା କରାଯାଇଛି। ଭବିଷ୍ୟତରେ ଏହାର ଉନ୍ନତିକରଣ ବଜାର ବ୍ୟବସ୍ଥା ପାଇଁ ସରକାରଙ୍କ ସହାୟତା ଓ ସହଯୋଗ କାମନା କରିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ପାରଳାଖେମୁଣ୍ଡି,୨୫।୧୨(ଗିରିଧାରୀ ପରିଛା)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ୩୪ତମ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଶଙ୍କର ପ୍ରସାଦ ବକ୍ସିଙ୍କର ସଭାପତିତ୍ୱରେ ଆୟୋଜିତ ସଭା କାର୍ଯ୍ୟରେ ମୁଖ୍ୟ ଅତିଥି ରୂପେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର (ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ) ସମ୍ମାନିତ ଅତିଥି ଭାବେ ସୁବାଷ ଚନ୍ଦ୍ର ଜମାଦାର ( ଅବସରପ୍ରାପ୍ତ ସହକାରୀ ମହାନିରୀକ୍ଷକ, ଆରକ୍ଷୀ ବିଭାଗ), ମୁଖ୍ୟ ବକ୍ତା ରୂପେ ଡ. ବୃନ୍ଦାବନ ମିଶ୍ର ଅବସରପ୍ରାପ୍ତ ଅଧ୍ୟାପକ ଇତିହାସ) ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ କ୍ରୀଡ଼ା ଜଗତରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ଅନେକ କୃତିତ୍ୱ ହାସଲ କରିଥିବା ବରିଷ୍ଠ କ୍ରୀଡାବିତ୍ କିଶୋର ଚନ୍ଦ୍ର ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।୨୦୨୨-୨୩ ଶିକ୍ଷାବର୍ଷର ୧୦ମଶ୍ରେଣୀ ଜିଲା ଟପର୍ ଛାତ୍ରଦ୍ୱୟ ନବୀନ ମହାଙ୍କୁଡ ଓ ତନ୍ମୟ ପଟ୍ଟନାୟକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଓ ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ପରିଚାଳନା କମିଟିର ସହ-ସମ୍ପାଦକ ଜନ୍ମେଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ଓ ସହ-ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ପାଢ଼ୀଙ୍କ ନିର୍ଦ୍ଦେଶନାରେ ଓ ଅନ୍ୟାନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

# ଜାଲ୍ ସାର୍ଟିଫିକେଟରେ ଚାକିରି, ଶିକ୍ଷକ ଦମ୍ପତିଙ୍କ ନାଁରେ ମାମଲା

କବିସୂର୍ଯ୍ୟନଗର,୨୫।୧୨(କୃପାସିନ୍ଧୁ ସ୍ୱାଇଁ)

ଜାଲ ସାର୍ଟିଫିକେଟରେ ଚାକିରି କରିବା ଅଭିଯୋଗରେ ଶିକ୍ଷକ ଦମ୍ପତିଙ୍କ ନାମରେ କବିସୂର୍ଯ୍ୟନଗର ଥାନାରେ ମାମଲା ରୁଜୁ ହୋଇଛି। ପୋଲସରା ବ୍ଲକ ଅନ୍ତର୍ଗତ ହାତୀଓଟ ନୋଡାଲ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ନିରାନନ୍ଦ ସାହୁଙ୍କ ସାର୍ଟିଫିକେଟ ଜାଲ୍ ଥିବା ନେଇ ୦୯।୧୨।୨୦୧୯ ତାରିଖରେ ସାମାଜିକ କର୍ମୀ ସମରଜିତ୍ ମହାନ୍ତି ଅଭିଯୋଗ କରିଥିଲେ। ତଦନ୍ତ ପରେ ଶିକ୍ଷକ ସାହୁଙ୍କ ସାର୍ଟିଫିକେଟ ଜାଲ୍ ଥିବା ଜଣା ପଡିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ବର୍ତ୍ତମାନ ଉକ୍ତ ଶିକ୍ଷକଙ୍କ ସ୍ତ୍ରୀ ଶିକ୍ଷୟିତ୍ରୀ ବନିତା କୁମାରୀ ସାହୁ ମଧ୍ୟ ମାର୍କ ବଢାଇ ବି.ଏଡ୍. କରି ଚାକିରି ହାତେଇଥିବା ଜଣାପଡିବା ପରେ ଶିକ୍ଷକ ନିରାନନ୍ଦ ସାହୁଙ୍କ ଫାଇଲ ଖୋଲିଥିଲା। ଏ ନେଇ ଡିଇଓଙ୍କ ନିର୍ଦ୍ଦେଶ ପରେ ହାତୀଓଟ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କବିସୂର୍ଯ୍ୟନଗର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୭୬୨/୨୩ ଅନୁଯାୟୀ ଶିକ୍ଷକ ନିରାନନ୍ଦ ସାହୁଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିଭଳି କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ବଡମହୁରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ବନିତା କୁମାରୀ ସାହୁଙ୍କ ସାର୍ଟିଫିକେଟ ଯାଞ୍ଚ ପାଇଁ ୧୮।୧୦ ।୨୦୨୩ରେ ସାମାଜିକ କର୍ମୀ ସମରଜିତ୍ ମହାନ୍ତି ଅଭିଯୋଗ କରିଥିଲେ। ତଦନ୍ତ ପରେ ଶିକ୍ଷୟିତ୍ରୀ ବନିତା ମଧ୍ୟ ମାର୍କ ବଢାଇ ବି.ଏଡ୍. କରିଥିବା ଜଣାପଡ଼ିଲା। ଡିଇଓଙ୍କ ନିର୍ଦ୍ଦେଶ ପରେ ବିଇଓ ଅଭିମନ୍ୟୁ ସାହୁ ଶିକ୍ଷୟିତ୍ରୀ ବନିତାଙ୍କ ନାମରେ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ଏ ନେଇ ପୋଲିସ ନଂ. ୭୬୩/୨୩ ଅନୁଯାୟୀ ମାମଲା ରୁଜୁ କରିଥିବା ବେଳେ ଜାଲ୍ ସାର୍ଟିଫିକେଟ କେଉଁଠି ପ୍ରସ୍ତୁତ ହେଉଛି ତା ଉପରେ ତଦନ୍ତ କରାଯାଉଛି ବୋଲି ଥାନା ଅଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ





ଗାଲେରି କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଭଞ୍ଜନଗର,୨୫।୧୨(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ଗାଲେରି ଦଣ୍ଡପାଣି ମାର୍ଥା ଯୁକ୍ତ ୨ କଲେଜରେ ଚାଲିଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ସୀମାଞ୍ଚଳ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ତହସିଲଦାର ଉମାଶଙ୍କର ବେହେରା ମୁଖ୍ୟ ଅତିଥି ଏବଂ ଗାଲେରି ସରପଞ୍ଚ ସୁମିତ୍ରା ଗଉଡ, ରବି ସତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୋଡାଲ ଅଫିସର ପ୍ରାଧ୍ୟାପକ ବଂଶୀଧର ପାଢି ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଲତିକା ସିଂ ସଭାକୁ ସଂଯୋଜନା କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ସେହିଭଳି ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟର ମଧ୍ୟ ଆଇୱାଇଡିପି କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଯାଇଛି। ଏଥିରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଗଞ୍ଜାମ ବିକାଶ ମଞ୍ଚର ସାଧାରଣ ବୈଠକ

ଶେରଗଡ,୨୫।୧୨(ସୂର୍ଯ୍ୟନାରାୟଣ ଦାଶ)-ଶେରଗଡ଼ ବ୍ଲକ ବରମୁଣ୍ଡଳୀରେ ଥିବା ମା'କାଳୁଆ ପୀଠରେ ଗଞ୍ଜାମ ବିକାଶ ମଞ୍ଚର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗଞ୍ଜାମ ବିକାଶ ମଞ୍ଚର ସମ୍ପାଦକ ବରୁଣ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଗଞ୍ଜାମ ବିକାଶ ମଞ୍ଚର ସହ ସମ୍ପାଦକ ଆତ୍ରତାଣ ପାତ୍ର, ସାମାଜିକକର୍ମୀ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ହର୍ଷ ସାମଲ, ଡମ୍ବରୁଧର ବେହେରା, ପ୍ରଦିପ କୁମାର ଦାଶଙ୍କ ସମେତ ବହୁ ଗଞ୍ଜାମ ବିକାଶ ମଞ୍ଚର କର୍ମକର୍ତ୍ତାଗଣ ଯୋଗଦେଇ ଥିବା ବେଳେ ବହୁ ସଭ୍ୟ ଯୋଗଦେଇଥିଲେ। ଆଗାମୀ ନୂଆଁ ବର୍ଷରେ ଯୁବ ଦିବସ ପାଳନ ହେବା ସହ ଗଞ୍ଜାମ ବିକାଶ ମଞ୍ଚର ଜରୁରୀ କାର୍ଯ୍ୟ ପନ୍ଥା ସ୍ଥିର ହେବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

# ଢଉଗାଁରେ ଧାନମଣ୍ଡି ଖୋଲିଲା

ଧରାକୋଟ,୨୫।୧୨(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଅନ୍ତର୍ଗତ ଢଉଗାଁ ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ସଭାପତି ସଞ୍ଜୟ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ଦୀପ୍ତିରେଖା ନାଥ, ଉପସଭାପତି ସରିତା ଡାକୁଆ, ସମ୍ପାଦକ ଶଙ୍କର ପଡିଆରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଚାଷୀମାନେ ନିଜର ଉତ୍ପାଦିତ ଧାନକୁ ମଣ୍ଡିରେ ବିକ୍ରି କରି ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଅର୍ଥ ରାଶି ନେବାପାଇଁ ଅତିଥିମାନେ ଅନୁରୋଧ କରିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଛତ୍ରପୁର,୨୫।୧୨(ଦିଲୀପ ସାମଲ):

ଛତ୍ରପୁର ବ୍ଲକ ବଡ଼ମାଧପୁର ଶ୍ୟାମାକାଳୀ ଯୁବକ ସଂଘ ପକ୍ଷରୁ ଯୁବବର୍ଗଙ୍କ ମଧ୍ୟରେ ଖେଳୁଆଡ ମନୋବୃତ୍ତି ସୃଷ୍ଟି କରିବା ଲକ୍ଷ୍ୟ ନେଇ କ୍ରିକେଟ୍ ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ପୂର୍ବତନ ସରପଞ୍ଚ ଶରତ ଖୁଣ୍ଟିଆ ମୁଖ୍ୟ ଅତିଥି ଏବଂ ସୂର୍ଯ୍ୟ ନାରାୟଣ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦଘାଟନ କରିଥିଲେ। ଶ୍ୟାମାକାଳୀ ଯୁବକ ସଂଘର ସଭାପତି ଏସ.ଯୁଧିଷ୍ଠିର ରେଡୀ, ସମ୍ପାଦକ ଶିବ ରଞ୍ଜନ ସାହୁ, ଟ୍ରଷ୍ଟି ମହେନ୍ଦ୍ର ଗୌଡ଼, ଟି.କିଶୋର ରେଡୀ, କୋଷାଧ୍ୟକ୍ଷ ଏସ.ସୁଶାନ୍ତ ରେଡୀ, ରମେଶ ପାତ୍ର, ରଘୁନାଥ ବେହେରା, ଜିତେନ୍ଦ୍ର ପାଣିଗ୍ରାହୀ, ଏନ.ସତ୍ୟ ନାରାୟଣ, ବାପୁ ସ୍ୱାଇଁ, ଶମ୍ଭୁ ସ୍ୱାଇଁ, ଦିଲୀପ ବେହେରା, ସୁରେନ୍ଦ୍ର ବେହେରା, ଯୋଗେନ୍ଦ୍ର ବେହେରା, ରଞ୍ଜିତ ରାଉଳ, ପଦ୍ମଲାଭ ସାହୁ, ଦିଲୀପ ବେହେରା,ଉମାକାନ୍ତ ପ୍ରଧାନ, ଅନନ୍ତ ରାଉଳ ଓ ଗ୍ରାମର ଯୁବକମାନେ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।

# ଗୀତା ଯଜ୍ଞ, ବେଦ କର୍ମକାଣ୍ଡ ବିଦ୍ୟାଳୟର ବାର୍ଷିକ ଉତ୍ସବ





ମଞ୍ଚାସୀନ ଅତିଥିଙ୍କ ସହ ଛାତ୍ରମାନେ।

ହିଞ୍ଜିଳିକାଟୁ,୨୫।୧୨(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଅନ୍ତର୍ଗତ ସୁନ୍ଦର ମାଧବ ବେଦ କର୍ମକାଣ୍ଡ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ତଥା ଗୀତା ଯଜ୍ଞ ବଇଁଚବଣିଆ ସ୍ଥିତ ଗୀତା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଗୁରୁ ଓ ଛାତ୍ରଙ୍କ ଦ୍ୱାରା ବେଦପାଠ ଓ ମନ୍ତ୍ରୋଚ୍ଚାରଣରେ ଗୀତା ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ବିଦ୍ୟାଳୟର ସଭାପତି ତଥା ଅଧ୍ୟକ୍ଷ ସଙ୍କର୍ଷଣ ପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ବିଶିଷ୍ଟ ଅତିଥି ଭାବେ ଗ୍ରୀଟ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ମୁଖ୍ୟବକ୍ତା ବ୍ରହ୍ମପୁର ରାମାଧୀନ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ମହନ୍ତ ହରିହର ଦାଶ ଉପସ୍ଥିତ ଥିଲେ। ଉପଦେଷ୍ଟା ଡି ଜଗନ୍ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଦିପ୍ତି ରଞ୍ଜନ ମହାପାତ୍ର ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ପ୍ୟାରୀମୋହନ ପାଢି, ଈତିତୋଷ ପାଠୀ,ତପନ ପାଠୀ, ଅମ୍ବିକା ପାଠୀ,ପ୍ରଶାନ୍ତ ପାଠୀ,ମନୋଜ ପାଠୀ, ବଦ୍ରିନାଥ ସାବତ,ରାଜ ପାଠୀ, ଶିବପ୍ରସାଦ ପାଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସରୋଜିନୀ ସୁବୁଦ୍ଧି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ରମ୍ଭା,୨୫।୧୨(ବନବାସୀ ସେଠୀ)

ସ୍ଥାନୀୟ ହାଇସ୍କୁଲ ସ୍ଥିତ ମିନି ଷ୍ଟାଡିୟମଠାରେ ସରୋଜିନୀ ସୁବୁଦ୍ଧି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରମ୍ଭା କ୍ରିକେଟ କପ ୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ରମ୍ଭା ଏନ୍‌ଏସି ଅଧ୍ୟକ୍ଷା ମାନସି ସ୍ୱାଇଁ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର କର, ସଞ୍ଜୀବ ରାଉଳ, ରମ୍ଭା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋପିନାଥ ବେହେରା, ରମ୍ଭା ହାଇସ୍କୁଲ ପରିଚାଳନା କମିଟି ସଭାପତି ଆଇନଜୀବୀ ସୁବାସ ଚନ୍ଦ୍ର ପତି, ବିଶିଷ୍ଟ ବ୍ୟବସାୟୀ ଟି. ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ରମ୍ଭା କ୍ରିକେଟ କପ ସମିତି ଅଧ୍ୟକ୍ଷ ଟି. ବାପୁଜୀ ସୁବୁଦ୍ଧି, ସଭାପତି ସୀମାଞ୍ଚଳ ବାଡତ୍ୟା, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ସହ ସମ୍ପାଦକ କ୍ଷେତ୍ର ମୋହନ ବେହେରା ମଞ୍ଚାସିନ ଥିଲେ। ଉଦ୍‌ଘାଟନି ମ୍ୟାଚରେ ବରମୁଣ୍ଡା କ୍ଲବ ଭୁବନେଶ୍ୱର ଏବଂ ଲିଡ଼ସ କ୍ରିକେଟ କ୍ଲବ ବ୍ରହ୍ମପୁର ମଧ୍ୟରେ ୨୦ ଓଭର ବିଶିଷ୍ଟ ଖେଳ ହୋଇଯାଇଥିଲା। ପ୍ରଥମେ ବ୍ୟାଟିଙ୍ଗ କରି ଲିଡ଼ସ ୨୦୧ ରନ କରିଥିବା ବେଳେ ବରମୁଣ୍ଡା କ୍ରିକେଟ କ୍ଲବ ୧୧୪ ରନ କରି ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଶିବ ପ୍ରସାଦ ପଣ୍ଡା ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ଶେଷରେ ରମ୍ଭା ଫିଟନେସ ଷ୍ଟୋରର ପ୍ରୋପାଇଟର ପ୍ରତାପ ଚନ୍ଦ୍ର ପ୍ରଧାନ ଶ୍ରେଷ୍ଠ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ସୋମବାର ଅଲଫା ସ୍ପୋର୍ଟିଂ କ୍ଲବ ବ୍ରହ୍ମପୁର ସହ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ବ୍ରହ୍ମପୁର ମଧ୍ୟରେ ଏକ ମ୍ୟାଚ ହୋଇଥିଲା। ଏଥିରେ ରାମେଶ୍ୱର ୧୯.୨ ଓଭରରେ ୧୫୭ ରନ କରି ଅଲଆଉଟ ହୋଇଥିବା ବେଳେ ଅଲଫା ସ୍ପୋର୍ଟିଂ କ୍ଲବ ବ୍ରହ୍ମପୁର ୧୩ ଓଭରରେ ୧୬୩ ରନ କରି ୩ ଉଇକେଟରେ ବିଜୟୀ ହୋଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ବି. ସନ୍ତୋଷ କୁମାର ପାତ୍ର ବିବେଚିତ ହୋଇଥିଲେ।



ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଖେଳାଳି।

